## ସଂକ୍ଷେପରେ

### ସମ୍ପତ୍ତି ଭାଗବଣ୍ଟାକୁ ନେଇ ଆକ୍ରମଣ: ବାପପୁଅ ଗିରଫ

**ଆସିକା,୩୦।୮ (ଡି.ଏନ.ଏ.):** ଆସିକା ଥାନା ଅନ୍ତର୍ଗତ ତରାସିଙ୍ଗି ଗ୍ରାମରେ ସମ୍ପତ୍ତି ଭାଗବଣ୍ଟାକୁ କେନ୍ଦ୍ର କରି ଗୋଟିଏ ପରିବାରକୁ ଆକ୍ରମଣ କରିଥିବା ଅଭିଯୋଗରେ ଅଭିଯୁକ୍ତ ବାପ ଓ ପୁଅଙ୍କୁ ପୋଲିସ ରବିବାର ଗିରଫ କରିଛି । ସେମାନେ ହେଲେ ଉକ୍ତ ଗ୍ରାମର ସନାତନ ନାହାକ ଓ ତାଙ୍କ ପୁଅ ବରୁଣ। ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି । ଶନିବାର ରାତିରେ ଅଭିଯୁକ୍ତ ବାପପୁଅ ଭାଇ ଭାଗ ସମ୍ପତ୍ତି ବଣ୍ଟାକୁ ନେଇ କଂଗ୍ରେସ ନାହାକ ଓ ତାଙ୍କ ସ୍ତ୍ରୀଙ୍କୁ ମାଡ ମାରିବା ସହ ମୁଣ୍ଡକାଟି ଥାନାକୁ ଯିବେ ବୋଲି ଧମକ ଦେଇଥିଲେ। କଂଗ୍ରେସ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ନଂ.୫୪୫/୨୧ରେ ଏକ ମାମଲା ରୁଜୁ କରିଥିଲା ।

### ପୁନଃନିଯୁକ୍ତି ଦାବିରେ ନବୀନ ନିବାସ ପଦଯାତ୍ରା ଆଜି

**ହିଞ୍ଜିଳିକାଟୁ,୩୦।୮ (ଡ଼ି.ଏନ୍.ଏ):** ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍କୁଲରେ ଆଉଟସୋର୍ସିଂ ଦ୍ୱାରା ନିଯୁକ୍ତ ପ୍ରାୟ ୪ହଜାର ବିଦ୍ୟାଳୟ ସଂଯୋଜକ ପୁନଃନିଯୁକ୍ତି ଦାବି ନେଇ ମଙ୍ଗଳବାର ହିଞ୍ଜିଳିରୁ ଭୁବନେଶ୍ୱରସ୍ଥିତ ନବୀନ ନିବାସ ପର୍ଯ୍ୟନ୍ତ ପଦଯାତ୍ରା କରିବେ। ଏ ନେଇ ହିଞ୍ଜିଳିକାଟୁରେ ଗଞ୍ଜାମ ଜିଲା ବିଦ୍ୟାଳୟ ସଂଯୋଜକ ସଂଘର ଏକ ବୈଠକରେ ନିଷ୍ପତି ହୋଇଛି। ସଂଘ ପକ୍ଷରୁ ସ୍ଥାନୀୟ ବିଭିନ୍ନ ଅଧିକାରୀଙ୍କ ସମେତ ଜିଲା ଆରକ୍ଷୀ, ଜିଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଅଫିସକୁ ଚିଠି ପଠାଯାଇଥିବା ସଂଘ ସଭାପତି ପ୍ରଶାନ୍ତ କୁମାର ସ୍ୱାଇଁ କହିଛନ୍ତି। ପ୍ରକାଶ ଯେ, ଆଇସିଟି ଇ-ବିଦ୍ୟାଳୟ ଯୋଜନାରେ ୨୦୧୪ରେ ୫ବର୍ଷ ନିମନ୍ତେ ରାଜ୍ୟର ବିଭିନ୍ନ ହାଇସ୍କୁଲରେ ୪ହଜାର ବେରୋଜଗାର କମ୍ପ୍ୟୁଟର ଜ୍ଞାନ ଥିବା ଯୁବତୀଯୁବକ ଆଉଟସୋର୍ସିଂ ଦ୍ୱାରା ନିଯୁକ୍ତି ପାଇଥିଲେ। ନିଯୁକ୍ତି ଚୁକ୍ତି ଅନୁସାରେ ସେମାନଙ୍କୁ ୨୦୧୯ ମାର୍ଚ୍ଚ ମାସରେ କର୍ମରୁ ନିବୃତ୍ତ କରାଯାଇଥିଲା। ଉକ୍ତ ସମୟରେ ଚାକିରୀ ହରାଇଥିବା ବିଦ୍ୟାଳୟ ସଂଯୋଜକ ମାନେ ପୁନଃ ନିଯୁକ୍ତି ଦାବି କରିଥିଲେ। ତେବେ ନିର୍ବାଚନ ଦୃଷ୍ଟିରୁ ସେମାନଙ୍କୁ ପରବର୍ତୀ ସମୟରେ ଦାବିକୁ ବିଚାର କରାଯିବ ବୋଲି ବିଭିନ୍ନ ମହଲରୁ ପ୍ରତିଶ୍ରୁତି ମିଳିଥିଲେ ମଧ ଏ ଯାଏ ନିଯୁକ୍ତି ମିଳିନି। ତେଣୁ ସଂଘର ସଦସ୍ୟାସଦସ୍ୟ ହିଞ୍ଜିଳିକାଟୁ ବ୍ଲକ ଅଫିସରୁ ଛତ୍ରପୁର ଦେଇ ଜିଲାପାଳଙ୍କୁ ଭେଟି ଭୁବନେଶ୍ୱର ନବୀନ ନିବାସକୁ ପଦଯାତ୍ରାରେ ଯିବେ। ସେଠାରେ ମୁଖ୍ୟମନ୍ତ୍ରୀ ଓ ୫-ଟି ସଚିବଙ୍କୁ ଭେଟି ପୁନଃନିଯୁକ୍ତି ପାଇଁ ଅନୁରୋଧ କରିବେ ବୋଲି ସଂଘ ସଭାପତି ସ୍ୱାଇଁ କହିଛନ୍ତି।

### ନିଆଁ ଲାଗି ଦୋକାନ ଧ୍ୱଂସ

**ଫୁଲବାଣୀ ଅଫିସ,୩୦।୮:** ଫୁଲବାଣୀ ସାଲୁଭ୍‌କି ସାହିରେ ରବିବାର ବିଳମ୍ବିତ ରାତିରେ ନିଆଁ ଲାଗି ଏକ ଦୋକାନର ସମସ୍ତ ଜିନିଷ ପୋଡି ପାଉଁଶ ହୋଇଯାଇଛି। ନିଆଁ କିପରି ଲାଗିଲା ତହା ଜଣାପଡିନାହିଁ। ପୀତାମ୍ବର ବେହେରା ସାଲୁଙ୍କି ସାହିରେ ଥିବା ତାଙ୍କ ଗ୍ରୋସରୀ ଦୋକାନକୁ ସବୁଦିନ ପରି ରବିବାର ବନ୍ଦ କରି ଘରକୁ ଯାଇଥିଲେ। ରାତିରେ ନିଆଁ ଲାଗିବା ସ୍ଥାନୀୟ ଲୋକେ ଦେଖି ତାଙ୍କୁ ଖବର ଦେଇଥିଲେ । ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁ ଲିଭାଇଥିଲେ ।

# ରୂପାନ୍ତରିତ ହାଇସ୍କୁଲ ଉଦ୍‌ଘାଟନ ସରିଲା

**ଶେରଗଡ଼/ହିଞ୍ଜିଳିକାଟୁ, ୩୦।୮ (ଡ଼ି.ଏନ୍.ଏ)**



ହିଞ୍ଜିଳିକାଟୁ ଉପଖଣ୍ଡ ଡାକ୍ତରଖାନା ବୁଲିବାକୁ ଆସିଥିବା ମନ୍ତ୍ରୀ, ବିଧାୟକ ଏବଂ ଏମ୍‌ପିମାନେ।

ହିଞ୍ଜିଳି ନିର୍ବାଚନ ମଣ୍ଡଳୀର ହିଞ୍ଜିଳିକାଟୁ ବ୍ଲକ, ପୌରାଞ୍ଚଳ ଓ ଶେରଗଡ଼ ବ୍ଲକରେ ୫ଟି ପର୍ଯ୍ୟାୟରେ ୫୦ ରୂପାନ୍ତରିତ ହାଇସ୍କୁଲ ଲୋକାର୍ପଣ କାର୍ଯ୍ୟକ୍ରମ ସରିଛି। ସୋମବାର ଶେଷ ପର୍ଯ୍ୟାୟରେ ହିଞ୍ଜିଳିକାଟୁ ବ୍ଲକର ୩ଟି ଓ ଶେରଗଡ଼ ବ୍ଲକର ୭ଟି ରୂପାନ୍ତରୀକରଣ ହାଇସ୍କୁଲକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ଲୋକାର୍ପଣ କରିଥିଲେ। ରୂପାନ୍ତରିତ ହାଇସ୍କୁଲ ଗୁଡିକରେ ବିଜେଡି ମନ୍ତ୍ରୀ, ବିଧାୟକ, ଏମ୍‌ପି ଓ ରାଜ୍ୟସଭା ସଦସ୍ୟମାନେ ଉପସ୍ଥିତ ଥିଲେ।

ଶେରଗଡ଼ ବ୍ଲକ ପାକିଡ଼ି ଆଦର୍ଶ ବିଦ୍ୟାଳୟରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଉପସ୍ଥିତ ରହି ସ୍ୱାଗତ ଭାଷଣ ଦେଇଥିଲେ। ଛାତ୍ରୀ ଟି. କାବେରୀ ପାତ୍ର ସ୍କୁଲ ରୂପାନ୍ତରୀକରଣ ଅନୁଭୂତି ପ୍ରକାଶ କରିଥିଲେ। ଏଠାରେ ଉପସ୍ଥିତ ରାଜ୍ୟ ଯୋଜନା ବୋର୍ଡ଼ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା, ରାଜ୍ୟସଭା ସଦସ୍ୟ ସସ୍ମିତ ପାତ୍ର, ରାଜ୍ୟ ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲିକ ନିଜ ମନ୍ତବ୍ୟ ରଖିଥିଲେ। ପରେ କାଞ୍ଚିଆମ୍ବା ହାଇସ୍କୁଲ ଉଦ୍‌ଘାଟିତ ହୋଇଥିଲା। ସେଠାରେ ଛାତ୍ର ଜିତେନ୍ଦ୍ର ଦାଶ ନିଜ ଅନୁଭୂତି ପ୍ରକାଶ କରିଥିଲେ। ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ରାଜ୍ୟସଭା ସଦସ୍ୟ ଡ଼. ଅମର ପଟ୍ଟନାୟକ ଓ ମନ୍ତ୍ରୀ ପଦ୍ମିନୀ ଦିଆନ ଯୋଗଦେଇ ସ୍ମାର୍ଟ ସ୍କୁଲ ଉପରେ ମତ ରଖିଥିଲେ। ରାମଚନ୍ଦ୍ରପୁର ହାଇସ୍କୁଲ ଉଦଘାଟନ କାର୍ଯ୍ୟକ୍ରମରେ ଛାତ୍ରୀ ସ୍ୱୟଂସମ୍ପୂର୍ଣ୍ଣା ବିଶୋୟୀ ଅନୁଭୂତି ପ୍ରକାଶ କରିଥିଲେ। ସେଠାରେ ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଢ଼େଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ ଓ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ଉପସ୍ଥିତ ରହି ମନ୍ତବ୍ୟ ଦେଇଥିଲେ। ସେହିପରି ହିଞ୍ଜିଳିକାଟୁ ବ୍ଲକ ଖରିଡ଼ା ହାଇସ୍କୁଲର ଉଦଘାଟନୀ କାର୍ଯ୍ୟକ୍ରମରେ ଛାତ୍ରୀ ସୋନାଲୀ ଗୌଡ଼ ନିଜ ଅନୁଭୂତି ବର୍ଣ୍ଣନା କରିଥିବା ବେଳେ କୋରାପୁଟ ବିଧାୟକ ରଘୁରାମ ପୋଡାଲ, ରାଜ୍ୟସଭା ଏମ୍‌ପି

**ହିଞ୍ଜିଳିକାଟୁ, ଶେରଗଡ଼ର ଆଉ ୧୦ସ୍କୁଲ ଉଦ୍‌ଘାଟିତ**

ସୁବାସ ଚନ୍ଦ୍ର ସିଂ ଓ ମନ୍ତ୍ରୀ ସୁଶାନ୍ତ ସିଂ ଉପସ୍ଥିତ ରହି ମନ୍ତବ୍ୟ ଦେଇଥିଲେ। ଏହାପରେ ଶେରଗଡ଼ ମହାତ୍ମା ଗାନ୍ଧୀ ହାଇସ୍କୁଲର ଉଦଘାଟନୀ କାର୍ଯ୍ୟକ୍ରମରେ ଛାତ୍ରୀ ଆୟସା ବେଗମ ସ୍ମାର୍ଟ ସ୍କୁଲରେ ନିଜର ଅନୁଭୂତି ଜଣାଇଥିଲେ। ସେଠାରେ ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନୀ, ପଟ୍ଟାଙ୍ଗୀ ବିଧାୟକ ପ୍ରୀତମ ପାଢ଼ି, ବ୍ରହ୍ମପୁର ଏମ୍‌ପି ଚନ୍ଦ୍ର ଶେଖର ସାହୁ ମନ୍ତବ୍ୟ ରଖିଥିଲେ। ବରମୁଣ୍ଡୁଳୀ ହାଇସ୍କୁଲ ଉଦଘାଟନୀରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଓ ଜଗତସିଂପୁର ଏମପି ରାଜଶ୍ରୀ ମଲ୍ଲିକ ଯୋଗ ଦେଇଥିଲେ। ଶେରଗଡ଼ ବ୍ଲକ ବ୍ରାହ୍ମଣଛାଇ ହାଇସ୍କୁଲ ଉଦଘାଟନୀ କାର୍ଯ୍ୟକ୍ରମରେ ପାଟଣାଗଡ଼ ବିଧାୟକ ସରୋଜ କୁମାର ମେହେର, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ଓ ଭଦ୍ରକ ଏମପି ମଞ୍ଜୁଲତା ମଣ୍ଡଳ ବକ୍ତବ୍ୟ ରଖିଥିଲେ। ମକରଝୋଳ ହାଇସ୍କୁଲ ଉଦଘାଟନୀରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନି, ଡ଼ାବୁଗାଁ ବିଧାୟକ ମନହୋର ରନ୍ଧାରି ଓ କେନ୍ଦୁଝର ଏମପି ଚନ୍ଦ୍ରାଣୀ ମୁର୍ମୁ ବକ୍ତବ୍ୟ ରଖିଥିଲେ। ବଡ଼ଖଣ୍ଡି ସତ୍ୟଭାମା ହାଇସ୍କୁଲ ଉଦଘାଟନୀରେ କନ୍ଧମାଳ ଏମ୍‌ପି ଡ଼ ଅଚ୍ୟୁତ ସାମନ୍ତ ଓ ମନ୍ତ୍ରୀ ଟୁକୁନି ସାହୁ ମନ୍ତବ୍ୟ ଦେଇଥିଲେ। ଶେଷରେ ଶେରଗଡ଼ ବ୍ଲକ ପିତଳ ବାଳିକା ଉଚ୍ଚ ବିଦ୍ୟାଳୟ ଉଦଘାଟନୀରେ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, କଟକ ସଦର ବିଧାୟକ ଚନ୍ଦ୍ର ସାରଥୀ ବେହେରା ଓ ରାଜ୍ୟସଭା ସଭ୍ୟା ମମତା ମହନ୍ତ ଯୋଗଦେଇ ସ୍ମାର୍ଟ ସମ୍ପର୍କରେ ମନ୍ତବ୍ୟ ରଖିଥିଲେ। ଏହି ଅବସାରେ ବିଭିନ୍ନ ସ୍କୁଲରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମ ପୂର୍ବରୁ ବିଧାୟିକା, ବିଧାୟକ, ମନ୍ତ୍ରୀ ଓ ସାଂସଦମାନେ ହିଞ୍ଜିଳି ନିର୍ବାଚନ ମଣ୍ଡଳୀରେ ହୋଇଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟ ବୁଲି ଦେଖିଥିଲେ। ଦଳୀୟ କର୍ମୀ ଓ ନେତା ସେମାନଙ୍କୁ ସ୍ୱାଗତ କରିଥିଲେ। ଶେରଗଡକୁ ଯାଇଥିବା ମନ୍ତ୍ରୀ, ବିଧାୟକ ଓ ସାଂସଦ ଚାରିଛକରେ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ଫୁଲ ଅର୍ପଣ କରିଥିଲେ । ସ୍ଥାନୀୟ ବିଜେଡି କର୍ମୀ ନେତାମାନେ ସେମାନଙ୍କୁ ଉପଢୌକନ ପ୍ରଦାନ କରିଥିଲେ । ଶେରଗଡ଼ ବ୍ଲକ ଅଧକ୍ଷା ସାରସ ସ୍ୱାଇଁ, ଉପାଧକ୍ଷ ବିଶ୍ୱନାଥ ସ୍ୱାଇଁ, ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର, ଜିଲା ବିଜେଡି କାର୍ଯ୍ୟକାରୀ ସଦସ୍ୟା ସବିତା ରାଣି ଚୌଧୁରୀ, ହିନ ବେହେରା, ଦିଗାମ୍ବର ନାହାକ, ହୃଷୀକେଶ ପାଢୀ, ସନ୍ତୋଷ କୁମାର ପଟ୍ଟନାୟକ, ରଞ୍ଜନ ସେଠି, ସମୀର ପ୍ରଧାନ, ଚିତ୍ତରଞ୍ଜନ ପାଣିଗ୍ରାହୀ, ଚିନ୍ମୟ ପାତ୍ର,ଗୌରହରି ବିଷୋୟୀ, ଟୁନା ପାଣିଗ୍ରାହୀ, ଶାନ୍ତନୁ ଚୌଧୁରୀ ପ୍ରମୁଖ ଶୁଭେଚ୍ଛା ଜଣାଇଥିଲେ ।

## ଦୁଇ ବାଇକ୍ ମୁହାଁମୁହିଁ: ଜଣେ ମୃତ, ୩ ଗୁରୁତର

**ଖଜୁରିପଡ଼ା(ଡି.ଏନ.ଏ.) ବଲସକୁମ୍ପା, ୩୦।୮**

ଖଜୁରିପଡା ଥାନା ଅନ୍ତର୍ଗତ ସମ୍ପେପଦର ଛକ ନିକଟରେ ସୋମବାର ସନ୍ଧ୍ୟାରେ ୨ ବାଇକ ମୁହାଁମୁହିଁ ଧକ୍କା ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଗୁରୁତର ହୋଇଛନ୍ତି। ମୃତକ ହେଲେ ଖଜୁରିପଡା ବଜାର ସାହିର ଲୋକେଶ ମହାନ୍ତି। ଆହତ ଫୁଲବାଣୀ କଲେଜ ଛକର ଡିମ୍ପୁ ପ୍ରଧାନ, ଅଭିଜିତ୍ କହଁର ଏବଂ ଶଗଡିଆ ସାହିର ଜ୍ୟୋତିଷ ବେହେରାଙ୍କୁ ଫୁଲବାଣୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଖଜୁରିପଡା ଥାନା ଇନ୍ସପେକ୍ଟର ଉଦ୍ଧବ କୁମାର ଯାନୀ ଏବଂ ବିକାଶ କୁମାର ମଲିକ ଦୁର୍ଘଟଣାଗ୍ରସ୍ତ ବାଇକ୍ ୨ଟିକୁ ଜବତ କରିବା ସହ ଘଟଣାର ତଦନ୍ତ କରୁଛନ୍ତି। ପ୍ରକାଶ ଯେ, ଲୋକେଶ କୌଣସି କାମରେ ଖଜୁରୀପଡାରୁ ଦୁତିମେଣ୍ଡି ଯାଉଥିବା ବେଳେ ଅନ୍ୟ ବାଇକରେ ଆସୁଥିବା ୩ ଜଣଙ୍କ ସହ ତାଙ୍କର ଧକ୍କା ହୋଇଥିଲା। ଫଳରେ ଦୁଇ ବାଇକ୍ ଆରୋହୀମାନେ ଆହତ ହୋଇଥିଲେ। ସେମାନଙ୍କୁ ଅଗ୍ନଶମ ବାହିନି ଉଦ୍ଧାର କରି ପ୍ରଥମେ ଖଜୁରୀପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲା। ପରେ ସେମାନଙ୍କୁ ଫୁଲବାଣୀ ପଠାଯାଇଥିଲେ ମଧ ଲୋକେଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

# କରୋନା ଉପରେ ଚିତ୍ରକଳା ପ୍ରତିଯୋଗିତା


ଚିତ୍ରକଳାରେ ଭାଗ ନେଇଥିବା ଛାତ୍ରୀଛାତ୍ର ।

**ଫୁଲବାଣୀ ଅଫିସ, ୩୦।୮**

ସ୍ୱାୟତ୍ତ ଶାସନ ଦିବସ ପାଳନ ଅବ୍ୟବହିତ ପୂର୍ବରୁ ଫୁଲବାଣୀ ପୌର ପରିଷଦ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସ୍ୱାତୀ' ତରଫରୁ ସ୍ଥାନୀୟ ଏ.ଜେ.ଓ. ଉଚ୍ଚ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରମାନଙ୍କୁ ନେଇ କରୋନା ଉପରେ ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କରୋନା ତୃତୀୟ ଲହର ଆଶଙ୍କାକୁ ଏଡାଇବା ପାଇଁ ସଚେତନତା ବୃଦ୍ଧି ନିମନ୍ତେ ଛାତ୍ରୀଛାତ୍ରମାନେ ବିଭିନ୍ନ ଚିତ୍ର ଅଙ୍କନ କରିଥିଲେ। ସ୍ଥାନୀୟ ପୋଲିସ୍ ହାଇସ୍କୁଲ, ସରକାରୀ ବାଳିକା ବିଦ୍ୟାଳୟ, କାର୍ମେଲ ସ୍କୁଲ ଓ ଏ.ଜେ.ଓ. ହାଇସ୍କୁଲର ୩୨ ଛାତ୍ରୀଛାତ୍ର ଏଥିରେ ଭାଗ ନେଇଥିଲେ । କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀ ବିକାଶ ଦାସ, ଆଇନଜୀବୀ ବିଜୟକୃଷ୍ଣ ପଟ୍ଟନାୟକ, ସାମାଜିକ କର୍ମୀ ଅଶୋକ କୁମାର ପରିଡା, ଶିକ୍ଷାବିତ୍ ସନ୍ତୋଷ କୁମାର ରଥ ଓ ଜିଲା ଲାଇବ୍ରେରିଆନ୍ ହର ପ୍ରସାଦ ରଥ ପ୍ରମୁଖ ଯୋଗଦେଇ ସଂକ୍ରମଣ ରୋକିବାରେ ଛାତ୍ରଛାତ୍ରୀଙ୍କ ଭୂମିକା ସଂପର୍କରେ ଦିଗଦର୍ଶନ ଦେଇଥିଲେ । ପ୍ରତିଯୋଗିତାର କୃତି ପ୍ରତିଯୋଗୀ ବାଳିକା ବିଦ୍ୟାଳୟର ଅର୍ଚ୍ଚନା ପ୍ରଧାନ, ଏ.ଜେ.ଓ ବିଦ୍ୟାଳୟର ଅଲେଖ ଲେଙ୍କା,ସରକାରୀ ବାଳିକା ବିଦ୍ୟାଳୟ ର ଫାଲ୍‌ଗୁନି କହଁରଙ୍କୁ ସ୍ୱାୟତ ଶାସନ ଦିବସରେ ଫୁଲବାଣୀ ପୌର ପରିଷଦ ପକ୍ଷରୁ ପୁରସ୍କୃତ କରାଯିବ । କାର୍ଯ୍ୟକ୍ରମକୁ ବିଜ୍ଞାନ ଉଦ୍ୟାନର ସମସ୍ତ କର୍ମକର୍ତ୍ତା ଓ ପ୍ରଦୀପ କୁମାର ସ୍ୱାଇଁ ପରିଚାଳନା କରିଥିଲେ ।

## ବିଭିନ୍ନ ସ୍ଥାନରେ ଜନ୍ମାଷ୍ଟମୀ

**ବୁଗୁଡ଼ା,୩୦।୮ (ଡି.ଏନ.ଏ.)**

ବୁଗୁଡ଼ା ଅଞ୍ଚଳର ବିଭିନ୍ନ ମନ୍ଦିରରେ ସୋମବାର ପବିତ୍ର ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ଗୋପୀନାଥ ମନ୍ଦିରରେ ପୂଜାରୀ ସଞ୍ଜୀବ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ପାରମ୍ପରିକ ରୀତିନୀତି ଅନୁସାରେ ଶ୍ରୀକୃଷ୍ଣଙ୍କ ଜନ୍ମତିଥି ପାଳିତ ହୋଇଯାଇଛି। ସେହିପରି ବି.ବ୍ରହ୍ମପୁର ଗାଁ ନିକଟରେ ଥିବା ରାଧାଗୋପୀନାଥ ମନ୍ଦିରରେ ଗୋପାଳ କୃଷ୍ଣ ଦାଶ ଓ ନରେଶ ଦାଶଙ୍କ ତତ୍ତ୍ୱାବଧାନରେ ଭାଗବତ ପାରାୟଣ ସହ ଜନ୍ମାଷ୍ଟମୀ ପାଳିତ ହୋଇଥିଲା। ଅନ୍ୟପକ୍ଷରେ ବି.କରଡ଼ାବାଡ଼ିର ରାଧାକୃଷ୍ଣ ମନ୍ଦିର ଓ ଚୈତନ୍ୟ ମନ୍ଦିର, କରଚୁଲିର ଲକ୍ଷ୍ମୀନାରାୟଣ ମନ୍ଦିର, ବାଦୁଆ ରାଧାକୃଷ୍ଣ ମନ୍ଦିର ଆଦିରେ ଜନ୍ମାଷ୍ଟମୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।


ବୁଗୁଡା: ରାଧାଗୋପୀନାଥ ମନ୍ଦିରରେ ଗୋପାଳ କୃଷ୍ଣଠାକୁର ।

## ସ୍ମରଣିକା ଉନ୍ମୋଚିତ

**ଖଲ୍ଲିକୋଟ,୩୦।୮ (ଡି.ଏନ.ଏ.)**

ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ କୈରାଶି ପଞ୍ଚାୟତରେ ଥିବା ନୀଳକଣ୍ଠେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ବାର୍ଷିକ ପତ୍ରିକା ସ୍ମରଣିକା 'ଶଙ୍ଖନାଦ' ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭିକାରି ଚରଣ ଗୌଡ଼ଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ସମ୍ମାନିତ ଅତିଥି ଗଞ୍ଜାମ ଜିଲା ପରିଷଦ ଅଧକ୍ଷା ସୋନମ ପଲେଇ, ଓଷ୍ଟା ଜିଲା ସଭାପତି ହିମାଂଶୁ ପଟ୍ଟନାୟକ, ଓଷ୍ଟା ଜିଲା ସମ୍ପାଦକ ବିଜୟ କୁମାର ବେହେରା, ବ୍ଲକ ଅଧକ୍ଷା ମୀନାକ୍ଷୀ ସାହୁ ଅନ୍ୟତମ ଅତିଥି ରୂପେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବାର୍ଷିକ ସ୍ମରଣିକା 'ଶଙ୍ଖନାଦ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା। ସେହିପରି ପ୍ରତିଭାମାନ ଶିକ୍ଷକଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବଂଶିଧର ସାହୁଙ୍କ ସମେତ କୈରାଶି ସରପଞ୍ଚ ପ୍ରଫୁଲ୍ଲ ସାହୁ, ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ ବିଦ୍ୟାଳୟର ଛାତ୍ରୀଛାତ୍ର ପରିଚାଳନା କରିଥିଲେ।

# ବିଜେଡି କର୍ମୀ ସମ୍ମିଳନୀ


ବିଜେଡି କର୍ମୀ ସମାବେଶରେ ମଞ୍ଚାସୀନ ଅତିଥି।

**ଆସିକା,୩୦।୮ (ଡି.ଏନ.ଏ.)**

ଆସିକା ବ୍ଲକ ଅନ୍ତର୍ଗତ ନିମିନାସ୍ଥିତ ଦୁର୍ଗାମଣ୍ଡପ ଠାରେ ସୋମବାର ଆସିକା ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । ଏଥିରେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ଆସିକା ବ୍ଲକ ଯୁବ ବିଜେଡି ସଭାପତି ଶିବ ନାହାକ, ଦିଲୀପ ପାଣିଗ୍ରାହୀ, ଭଗବାନ ସାହୁ, ମନୋଜ ଦୋରା, ରାଜେଶ ପଟ୍ଟନାୟକ, ଅନିଲ କୁମାର ନାୟକଙ୍କ ସମେତ ବହୁ ସରପଞ୍ଚ ଓ ସମିତିସଭ୍ୟ ଯୋଗ ଦେଇ ଦଳୀୟ ସାଙ୍ଗଠନିକ ଅଭିବୃଦ୍ଧି ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ନିମିନା ପଞ୍ଚାୟତର ଶତାଧିକ ବିଭିନ୍ନ ଦଳର କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ବିଧାୟିକାଙ୍କ ଦ୍ୱାରା ୧୦ ଲକ୍ଷ୍ୟ ଟଙ୍କା ବ୍ୟୟରେ ନିମିନା ଠାରୁ କେଶପୁର ରାସ୍ତା ଓ ନିମିନା ଶିବି ମନ୍ଦିର ଓ ଖଣ୍ଡରାବଳୀ ହନୁମାନ ମନ୍ଦିର ଉନ୍ନୟନ ମୂଳକ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା ।

# ମହିଳା ମହାସଂଘ କାର୍ଯ୍ୟାଳୟ ଉଦ୍‌ଘାଟିତ

**ବାଲିଗୁଡା,୩୦।୮ (ଡି.ଏନ.ଏ.)**


ଉପସ୍ଥିତ ଅତିଥିମାନେ।

ବାଲିଗୁଡ଼ା ବ୍ଲକ ବାରଖମା ଠାରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ପାଣ୍ଠିରୁ ନିର୍ମିତ ମହିଳା ମହାସଂଘର କାର୍ଯ୍ୟାଳୟ ଉଦଘାଟିତ ହୋଇଛି। ଜିଲା ପରିଷଦ ସଦସ୍ୟା ସୁଜାତା ଦିଗାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ୧୨୦ଟି ମହିଳା ସଂଘର ସଭ୍ୟା ଓ କର୍ମକର୍ତ୍ତା ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ମହିଳା ମହାସଂଘ କାର୍ଯ୍ୟାଳୟ ହେବା ଫଳରେ ଗ୍ରାମରେ ଥିବା ମହିଳାମାନେ ଆର୍ଥିକ ସ୍ୱାବଲମ୍ବୀ ହୋଇପାରିବେ ବୋଲି ଜିଲା ପରିଷଦ ସଭ୍ୟା କହିଛନ୍ତି। ଉଦଘାଟନ କାର୍ଯ୍ୟକ୍ରମରେ ବାରଖମା ସରପଞ୍ଚ କୁନାଲ ପ୍ରଧାନ, ଅବସର ପ୍ରାପ୍ତ ସେନା ଅଧିକାରୀ ତଥା ସମାଜିକ କର୍ମୀ ରାଜେନ୍ଦ୍ର ଦିଗାଲ, ପୂର୍ବତନ ନାଏବ ସରପଞ୍ଚ ସଂଜୀବ ଦିଗାଲ, ଶିଖାରାଣୀ ଦିଗାଲ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ମା' ବାଙ୍କେଶ୍ୱରୀ କିଶାନ୍ ସଂଘ ଗଠିତ

**ଦିଗପହଣ୍ଡି,୩୦।୮ (ଡି.ଏନ.ଏ.)**


ବାଙ୍କେଶ୍ୱରୀ ପୀଠରେ ଚାଷୀ ସମାବେଶ ।

ଦିଗପହଣ୍ଡି ବ୍ଲକ ବି.ତୁରୁବୁଡି ଓ ବଡଡୁମୁଳା ପଞ୍ଚାୟତର ଚାଷୀମାନଙ୍କୁ ନେଇ ଗଠନ ହେଲା ମାଁ ବାଙ୍କେଶ୍ୱରୀ କିଶାନ ସଂଘ। ରବିବାର ବଡଡୁମୁଳା ମାଁ ବାଙ୍କେଶ୍ୱରୀ ପୀଠରେ ସମବେତ ଚାଷୀମାନଙ୍କୁ ନେଇ ଏହି ନିଷ୍ପତ୍ତି ନିଆଯାଇଛି। ବି.ତୁରୁବୁଡି ଓ ବଡଡୁମୁଳା ପଞ୍ଚାୟତର ପ୍ରାୟ ୧୫ ଗ୍ରାମର ଚାଷୀମାନେ ଏହି ପୀଠରେ ସମବେତ ହୋଇଥିଲେ। ଚାଷୀମାନଙ୍କ ବିଭିନ୍ନ ସମସ୍ୟା ଓ ହକ୍ ପାଇଁ ଏହି ସଂଘ ଲଢେଇ କରିବ। ଏଥିପାଇଁ ସଂଘର ସଭାପତି ଭାବେ ପୂର୍ବତନ ସରପଞ୍ଚ କେ.ସଞ୍ଜିବ୍ କୁମାର ରେଡ୍ଡୀ ଓ ସମ୍ପାଦକ ଭାବେ ଡ଼.ପ୍ରଫୁଲ୍ଲ କୁମାର ପ୍ରଧାନ ମନୋନୀତ ହୋଇଛନ୍ତି। ଏହି ଦୁଇ ପଞ୍ଚାୟତର ଚାଷୀମାନେ ସବୁବେଳେ ଅବହେଳିତ ଅବସ୍ଥାରେ ରହି ଆସୁଛନ୍ତି। ରାଜନୈତିକ ଇଚ୍ଛାଶକ୍ତି ଓ ପ୍ରଶାସନିକ ଉଦାସିନତା ଏହାର ମୂଳ କାରଣ ସାଜିଛି। କନ୍ହେଇନାଳ କ୍ଷୁଦ୍ର ଜଳସେଚନ ପ୍ରକଳ୍ପକୁ ପୁନଃଉଦ୍ଧାର କରିବା, ଛେଳିଗଡ଼ ଯୋଜନାରୁ କେନାଲ ସମ୍ପ୍ରସାରଣ କରି ଏହି ଦୁଇ ପଞ୍ଚାୟତର ଜମିକୁ ଜଳସେଚନ କରିବା ଦିଗରେ ଚାଷୀମାନଙ୍କର ସହମତି ପ୍ରକାଶ ପାଇଥିଲା। ବାଚସ୍ପତି ଡ଼.ସୂର୍ଯ୍ୟନାରାୟଣ ପାତ୍ର, ଗଞ୍ଜାମ୍ ଜିଲାପାଳ ଏହି ଦୁଇ ପଞ୍ଚାୟତର ଚାଷିକୂଳର ହିତ ପାଇଁ ଏହି ଦୁଇଗୋଟି ପ୍ରସ୍ତାବ ପ୍ରତି ଧ୍ୟାନ ଦେବା ପାଇଁ ବୈଠକରେ ଦାବି ଉପସ୍ଥାପିତ ହୋଇଥିଲା। ଚାଷୀମାନଙ୍କ ହକ୍ ପାଇଁ ମାଁ ବାଙ୍କେଶ୍ୱରୀ କିଶାନ ସଂଘ ଗଠିତ ହୋଇଛି ବୋଲି ସଙ୍ଗଠନର ସଭାପତି ଓ ସମ୍ପାଦକ ତାଙ୍କ ପ୍ରତିକ୍ରୀୟାରେ କହିଛନ୍ତି।

# ପୌର ନିର୍ବାଚନ ପୂର୍ବରୁ ଘୋଷଣା ହେଉ ୩ ମ୍ୟୁନିସିପାଲିଟି, ଏନ୍‌ଏସି

**ବ୍ରହ୍ମପୁର ଅଫିସ,୩୦।୮**

**ଗଞ୍ଜାମ ଜିଲା**

ଆଗାମୀ ପୌର ନିର୍ବାଚନ ପୂର୍ବରୁ ଗଞ୍ଜାମ ଜିଲାରେ ନୂଆ ମ୍ୟୁନିସିପାଲିଟି ଓ ଏନ୍‌ଏସି ସରକାର ଘୋଷଣା କରିବାକୁ ବିଭିନ୍ନ ମହଲରୁ ଦାବି ହୋଇଛି। ଅପରପକ୍ଷରେ ସ୍ୱାୟତ୍ତ ଶାସନ ସଂସ୍ଥାରେ ଗତ ୩ ବର୍ଷ ହେବ ଚାଲିଥିବା ଅମଲାତନ୍ତ୍ର ନିୟନ୍ତ୍ରଣ ହଟାଇ ଶାସନ ଭାର ଜନପ୍ରତିନିଧିଙ୍କୁ ଦିଆଯିବାକୁ ଗୁରୁତ୍ୱ ଦିଆଯାଇଛି। ଫଳରେ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ଠିକଣା ଭାବେ କାର୍ଯ୍ୟକାରୀ ହେବାର କୁହାଯାଇଛି। ଏହି ଜିଲାର ବ୍ରହ୍ମପୁର ମହାନଗର ନିଗମ ସମେତ ୧୮ ପୌରାଞ୍ଚଳ ୨୦୧୮ ଅକ୍ଟୋବର ପହିଲାରୁ ସରକାରୀ ପରିଚାଳନାଧୀନ ଅଛି। ତେଣୁ ସହରାଞ୍ଚଳବାସୀଙ୍କ ସମସ୍ୟା ବଢ଼ି ଚାଲିଥିବା ଅଭିଯୋଗ ହୋଇଛି।

ଜିଲା ସଦର ମହକୁମା ଛତ୍ରପୁର, ସବ୍‌ଡିଭିଜନ ସଦର ମହକୁମା ଭଞ୍ଜନଗର ଏନ୍‌ଏସି ବହୁ ପୁରାତନ। ଅନ୍ୟତମ ସହରାଞ୍ଚଳ ଆସିକା ଏନ୍‌ଏସିକୁ ମଧ ଅର୍ଦ୍ଧ ଶତାବ୍ଦୀ ବିତିଛି। ଏହି ୩ ଏନ୍‌ଏସିକୁ ମ୍ୟୁନିସିପାଲିଟିର ମାନ୍ୟତା ଦେବା ପାଇଁ ବହୁବାର ଦାବି କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀ ହିଞ୍ଜିଳିକାଟୁ ଏନ୍‌ଏସିକୁ ସରକାର ପୌରପାଳିକା ସଂସ୍ଥାରେ ପରିଣତ କରିଥିଲେ ମଧ ଉପରୋକ୍ତ ୩ ଏନ୍‌ଏସି ପ୍ରତି ଅଣଦେଖା କରାଯାଇଥିବା ସମ୍ପୃକ୍ତ ଅଞ୍ଚଳବାସୀଙ୍କ ପକ୍ଷରୁ ସମାଲୋଚନା ହୋଇଛି। ଅପରପକ୍ଷରେ ପ୍ରଶାସନିକ ବ୍ୟବସ୍ଥାର ବିକେନ୍ଦ୍ରୀକରଣ ଲାଗି ଗଞ୍ଜାମ ଜିଲାକୁ ବିଭାଜନ କରି ନୂଆ ଘୁମୁସର ଜିଲା ଗଠନ ପାଇଁ ଦୀର୍ଘ ୪୦ ବର୍ଷର ଦାବି ପ୍ରତି ଉପେକ୍ଷା କରାଯାଇଛି।

ଜନସଂଖ୍ୟା ଏବଂ ଭୌଗୋଳିକ ମାନଚିତ୍ରକୁ ଦୃଷ୍ଟିରେ ରଖି କୁକୁଡ଼ାଖଣ୍ଡି ଏନ୍‌ଏସି ଗଠନ ପାଇଁ ପ୍ରସ୍ତାବ ଥିବା ସତ୍ତ୍ୱେ ତାହା କାର୍ଯ୍ୟକାରୀ ହେଉନାହିଁ। ସେହିପରି ଶେରଗଡ଼କୁ ମଧ ନୂଆ ଏନ୍‌ଏସି ଘୋଷଣା ନିମନ୍ତେ ଦାବି ହୋଇଛି। ପଡ଼ୋଶୀ ଆନ୍ଧ୍ର ସୀମାନ୍ତ ଏବଂ ଉପାନ୍ତ ଅଞ୍ଚଳର ମିନି ସହର ଚିକିଟି ନିର୍ବାଚନ ମଣ୍ଡଳୀର ପାତ୍ରପୁରକୁ ମଧ ଏନ୍‌ଏସି କରାଯିବାକୁ ସ୍ୱର ଉଠିଛି। କୁକୁଡ଼ାଖଣ୍ଡି, ପାତ୍ରପୁର ଓ ଶେରଗଡ଼ ଏବେ ବ୍ଲକ ସଦର ମହକୁମା ଏବଂ ୩ଟି ଯାକ ସ୍ଥାନରେ ସମସ୍ତ ଭିତ୍ତିଭୂମି ରହିଛି। ପଞ୍ଚାୟତ ନିର୍ବାଚନ ସରିବା ପରେ ପୌର ନିର୍ବାଚନ ହେବାର ଉଭୟ ବିଭାଗର ମନ୍ତ୍ରୀ ଇତିମଧ୍ୟରେ ସୂଚନା ଦେଇଛନ୍ତି। ତେଣୁ ନିର୍ବାଚନ ଅବ୍ୟବହିତ ପୂର୍ବରୁ ସରକାର ଆସିକା, ଭଞ୍ଜନଗର ଓ ଛତ୍ରପୁର ମ୍ୟୁନିସିପାଲିଟି ଏବଂ ପାତ୍ରପୁର, କୁକୁଡ଼ାଖଣ୍ଡି ଓ ଶେରଗଡ଼ ନୂଆ ଏନ୍‌ଏସି ଘୋଷଣା କରିବାକୁ ମତ ପ୍ରକାଶ ପାଇଛି।

## ସଂକ୍ଷେପରେ

### ଏସିଏଫ୍ ମୃତ୍ୟୁ ଘଟଣାର ସିବିଆଇ ତଦନ୍ତ ଦାବି

**ପାରଳାଖେମୁଣ୍ଡି,୩୦।୮(ଡି.ଏନ.ଏ.):** ପାରଳାଖେମୁଣ୍ଡି ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ର ମୃତ୍ୟୁ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ଦିଗହରା ହୋଇପଡିଛି। ତେଣୁ ଏହାର ସିବିଆଇ ତଦନ୍ତ କରାଯାଉ ବୋଲି ଗଜପତି ଜିଲା ଇଣ୍ଟରନ୍ୟାଶନାଲ ହ୍ୟୁମାନ ରାଇଟ୍ସ କାଉନସିଲ ତରଫରୁ ଦାବି କରାଯାଇଛି। ଇଣ୍ଟରନ୍ୟାଶନାଲ ହ୍ୟୁମାନ ରାଇଟ୍ସ କାଉନସିଲ୍ର ରାଜ୍ୟ ସଭାପତି ଆଲୋକ କୁମାର ବୋଷ କହିଛନ୍ତି, ସୌମ୍ୟ ମୃତ୍ୟୁ ଘଟଣାରେ କ୍ରାଇମବ୍ରାଞ୍ଚ ଯେଉଁ ସବୁ ଜେରା ଏବଂ ତଦନ୍ତ କରିଛି ତାହା ଗେଉଁ ଦିଗକୁ ଗଲା ଜଣାପଡୁନାହିଁ । ଏବେ ସୁଦ୍ଧା ସୌମ୍ୟଙ୍କ ସ୍ତ୍ରୀ ବିଦ୍ୟାଭାରତୀଙ୍କୁ ଜେରା କରାଯାଇନି। ଜେରାରେ ଏପରି ଅବହେଳା ଦ୍ୱାରା ବହୁ ପ୍ରମାଣ ନଷ୍ଟ ହେବା ସମ୍ଭାବନା ରହିଛି । ତେଣୁ ସିବିଆଇ ତଦନ୍ତ ପାଇଁ କାଉନସିଲ୍ର ଜାତୀୟସ୍ତରର କର୍ମକର୍ତ୍ତାଙ୍କ ସହ ଯୋଗାଯୋଗ କରାଯାଇଛି ବୋଲି ବୋଷ ସୂଚନା ଦେଇଛନ୍ତି।

### ୩୫ ୟୁନିଟ୍ ରକ୍ତ ସଂଗ୍ରହ

**ଫୁଲବାଣୀ ଅଫିସ, ୩୦।୮:** ରାଜ୍ୟ କଂଗ୍ରେସର ଦିବଂଗତ ନେତା ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର ଏବଂ ଯୁବ ନେତୃତ୍ୱ ପ୍ରେରଣାର ଉତ୍ସ ସଂଗ୍ରାମ କେଶରୀ ଜେନାଙ୍କ ଉଦ୍ଦେଶ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଫୁଲବାଣୀ ରକ୍ତ ଭଣ୍ଡାରଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଯୁବ ସଂଗଠକ ନନ୍ଦକିଶୋର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିଲା। ଶିବିରରେ ଜିଲା ସମେତ ବୌଦ୍ଧ ଜିଲାରୁ ଅନେକ ସ୍ୱେଚ୍ଛାସେବୀ ରକ୍ତଦାନ କରିଥିଲେ । କାର୍ଯ୍ୟକ୍ରମରେ ଆଶିଷ ବେହେରା, ସିପୁନ ବେହେରା, ସିମିଲାରାଣୀ ପାତ୍ର, କାଜଲ ନାୟକ, ଅବଦୁଲ ସାକିର ପ୍ରମୁଖ ସହଯୋଗ କରିବା ସହ ରକ୍ତଦାନ କରିଥିଲେ । ଶିବିରରେ ମୋଟ ୩୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା ।

### ସଫେଇ କର୍ମଚାରୀ ସଂଘ ବୈଠକ

**ଛତ୍ରପୁର,୩୦।୮(ଡି.ଏନ୍.ଏ.):** ଛତ୍ରପୁର ଏନ୍ଏସି ଡକ୍ଟର ଭୀମରାଓ ଆମ୍ବେଡକର ସଫେଇ କର୍ମଚାରୀ ସଂଘର ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଘ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା । ସଂଘ ଉପଦେଷ୍ଟା ଭାବେ ସୂର୍ଯ୍ୟ ନାରାୟଣ ପାତ୍ର, ସଭାପତି ଭାବେ ଜି. ଚନ୍ଦ୍ରଶେଖର ନାୟକ, ସାଧାରଣ ସମ୍ପାଦକ ଗୋପୀନାଥ ନାୟକ, ଉପସଭାପତି ଭାବେ ରିଙ୍କୁନାଥ ନାୟକଙ୍କୁ, ଯୁଗ୍ମ ସମ୍ପାଦକ ବାପୁଜୀ ନାୟକ, କୋଷାଧ୍ୟକ୍ଷ ସି.ଏଚ୍. ବିଦ୍ୟାଧର ନାୟକ, କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ସନ୍ତୋଷ ନାୟକ, ସୁରେନ୍ଦ୍ର ନାୟକ, ବିଦ୍ୟାଧର ନାୟକ, ରାମ ନାୟକ, ବିନୋଦ ନାୟକଙ୍କୁ ନିର୍ବାଚିତ କରାଯାଇଥିଲା । ଜାତି କମିଟି ସଭାପତି ଲିଙ୍ଗରାଜ ନାୟକ ଅତିଥି ଭାବେ ଉପସ୍ଥିତ ଥିଲେ। ବର୍ତ୍ତମାନ ଏନ୍ଏସିର ୭୫ ଜଣ ସଫେଇ କର୍ମଚାରୀ କାର୍ଯ୍ୟ ପାଉଥିବା ସହ ସେମାନଙ୍କର ଇପିଏଫ୍ କଟୁଛି। ତେବେ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବେ ଏନଏସିର ପରିମଳ କାର୍ଯ୍ୟରେ ୮୫ ଜଣ ମହିଳା ଓ ପୁରୁଷ କର୍ମଚାରୀ ସାମିଲ ଅଛନ୍ତି। ସମସ୍ତେ ଆଗଭଳି କାମ ପାଇବା ଉପରେ ସଂଘ ଗୁରୁତ୍ୱାରୋପ କରିଛି। ନୂଆ ଟେଣ୍ଡର ଅନୁସାରେ ଏଣିକି ୭୨ ଜଣ ସଫେଇ କର୍ମଚାରୀ ଓ ୫ ଜଣ ଗାଡି ଡ୍ରାଇଭର କାମ କରିବେ। କେହି ଛୁଟିରେ ରହିଲେ ଅନ୍ୟମାନେ ଯେଭଳି କାମ ପାଇପାରିବେ ତାହା ଉପରେ ସଂଘ ଗୁରୁତ୍ୱ ଦେଇଛି।

### ମାନହାନି ମାମଲା ପାଇଁ ଉତ୍କଳ ସମ୍ମିଳନୀର ନିଷ୍ପତ୍ତି

ପାରଳା ମହାରାଜାଙ୍କ ପ୍ରତି କଟୁ ମନ୍ତବ୍ୟ

**ପାରଳାଖେମୁଣ୍ଡି,୩୦।୮(ଡି.ଏନ.ଏ.):** ପାରଳାଖେମୁଣ୍ଡି ମହାରାଜା ତଥା ନବ ଉତ୍କଳର ନିର୍ମାତା ସ୍ୱର୍ଗତ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ପ୍ରତି କଟୁ ମନ୍ତବ୍ୟ ଦେଇ ଲେଖା ପ୍ରକାଶ କରିଥିବା ୨ଲେଖକଙ୍କ ବିରୋଧରେ ମାନହାନି ମାମଲା କରିବାକୁ ଉତ୍କଳ ସମ୍ମିଳନୀ ଗଜପତି ଜିଲା ଶାଖା ତରଫରୁ ନିଷ୍ପତ୍ତି ନିଆଯାଇଛି। ପାରଳାଖେମୁଣ୍ଡିସ୍ଥିତ ଉତ୍କଳ ହିତୈଷିଣୀ ସମାଜ ସଭାଗୃହରେ ଉତ୍କଳ ସମ୍ମିଳନୀର ଏକ ଜରୁରୀ ବୈଠକରେ ରାଜ୍ୟ ଉପସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସମ୍ପାଦକ ବିନୋଦ ଚନ୍ଦ୍ର ଜେନା ଓ କାର୍ଯ୍ୟକାରୀ ସଭାପତି ଭାରତ ଭୂଷଣ ମହାନ୍ତି ଯୋଗ ଦେଇଥିଲେ। ଜୟପୁର ସହରର ୨ ଜଣ ଲେଖକ ତାଙ୍କ ରଚିତ ପୁସ୍ତକରେ ପାରଳା ମହାରାଜାଙ୍କୁ କଟୁ ମନ୍ତବ୍ୟ ଦେଇଥିବାରୁ ଜିଲା, ପ୍ରାନ୍ତୀୟସ୍ତରରେ ପ୍ରତିବାଦ ସଭା କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏଥିସହିତ ଜିଲା କୋର୍ଟରେ ଏକ ମାନହାନୀ ମକଦ୍ଦମା ଉତ୍କଳ ସମ୍ମିଳନୀ ଓ ଉତ୍କଳ ହିତୈଷିଣୀ ତରଫରୁ କରାଯିବା ପାଇଁ ମଧ୍ୟ ନିଷ୍ପତ୍ତି ନିଆଯାଇଛି। ଅନାଦି ପାଣିଗ୍ରାହୀ, କଲ୍ୟାଣୀ ମିଶ୍ର, ହରିମୋହନ ପଟ୍ଟନାୟକ, ଜଗଦୀଶ ମହାପାତ୍ର, ଆଶାଲତା ପାଣିଗ୍ରାହୀ, ଗଣେଶ ରାଜୁ ଆଲୋଚନାରେ ଭାଗ ନେଇଥିଲେ।

# ଛାତ୍ରାବାସ, ଖେଳପଡ଼ିଆ ସମସ୍ୟା ସୁଧୁରିଲାନି

## ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟ




**ପାରଳାଖେମୁଣ୍ଡି, ୩୦।୮(ଡି.ଏନ୍.ଏ.)**

ପାରଳାଖେମୁଣ୍ଡିଠାରେ ଥିବା ବହୁ ପୁରାତନ ମହାରାଜାଙ୍କ ବାଳକ ବିଦ୍ୟାଳୟର ଛାତ୍ରାବାସ ଓ ଖେଳପଡ଼ିଆ ସମସ୍ୟା ରହିଥିବାରୁ ପିଲାମାନେ ରହିବାକୁ ସ୍ଥାନାଭାବ ସହ ଖେଳକୁଦରୁ ବଞ୍ଚିତ ହେଉଛନ୍ତି। ଉକ୍ତ ବିଦ୍ୟାଳୟର ଦୁଇଟି ଛାତ୍ରାବାସ ଓ ଖେଳ ପଡିଆ ଥିଲେ ମଧ୍ୟ ଏହା ଅନ୍ୟତ୍ର ବ୍ୟବହାର ବା ବିନିଯୋଗ ହେଉଛି। ଦୀର୍ଘ ବର୍ଷ ଧରି ଛାତ୍ରାବାସ-୧ରେ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଚାଲିଥିଲା। ତେବେ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ କେଇ ମାସ ହେଲା ବେତାଗୁଡାସ୍ଥ ନିଜସ୍ୱ କୋଠାକୁ ସ୍ଥାନାନ୍ତର ହୋଇସାରିଥିଲେ ମଧ୍ୟ ଏହା ଏବେ ଭୂତକୋଠି ପାଲଟିଛି। ସେହିପରି ସର୍ବଶିକ୍ଷା ଅଭିଯାନ କାର୍ଯ୍ୟାଳୟ ପରିସରରେ ଛାତ୍ରାବାସ-୨ ରହିଛି। କିନ୍ତୁ ଏହାର ରକ୍ଷଣାବେକ୍ଷଣ ଠିକ୍ ଭାବେ ନ ହେବାରୁ ସେଠାରେ କେହି ରହିବାପାଇଁ ପସନ୍ଦ କରୁନାହାନ୍ତି। ଏଥି ସହିତ ଛାତ୍ରାବାସ ନିକଟରେ ଖେଳପଡ଼ିଆ ଥିଲେ ମଧ୍ୟ ଏଥିପ୍ରତି ଶିକ୍ଷା ବିଭାଗର କୌଣସି ଦୃଷ୍ଟି ପଡୁ ନ ଥିବାରୁ ଏହି ପଡ଼ିଆଟି ସମ୍ପୂର୍ଣ୍ଣ ଖାଲଖମା ଅବସ୍ଥାରେ ରହିଥିବାରୁ ସମସ୍ତ ଖେଳ କାର୍ଯ୍ୟ ପାଇଁ ଛାତ୍ରମାନଙ୍କୁ ଅନ୍ୟତ୍ର ନେଇ ନିଆଯାଉଛି। କିଛି ଦିନ ତଳେ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ଅନୁସନ୍ଧାନ କରି ଫେରିଥିଲେ ମଧ୍ୟ ଏହି ସମସ୍ୟା ସମ୍ପର୍କରେ ଗୁରୁତ୍ୱ ଦେଇ ନ ଥିବା ଅଭିଭାବକମାନଙ୍କ ପକ୍ଷରୁ ଅଭିଯୋଗ ହୋଇଛି । ତେବେ ଶୀଘ୍ର ବିଭାଗୀୟ ଉଚ୍ଚ ଅଧିକାରୀ ଓ ଜିଲା ପ୍ରଶାସନ ଏଥିପ୍ରତି ଉପଯୁକ୍ତ ପଦକ୍ଷେପ ନେଲେ ଶିକ୍ଷାର୍ଥୀମାନେ ଉପକୃତ ହୋଇପାରିବେ ବୋଲି ବିଦ୍ୟାଳୟର ପୁରାତନ ଛାତ୍ର ସଂଗଠନ ତରଫରୁ ଦୃଢ ଦାବି ହୋଇଛି।

# ରାସ୍ତା ଶୋଚନୀୟ, ବଢୁଛି ଦୁର୍ଘଟଣା


ରାସ୍ତାରେ ଖାଲ ସୃଷ୍ଟି ହୋଇଛି।

**ଧରାକୋଟ,୩୦।୮(ଡି.ଏନ.ଏ.)**

ଧରାକୋଟ ଥାନା ଛକଠାରୁ ଇନ୍ଦିରା ଆବାସ ଦେଇ ତାଳପାଟଣା ନିକଟ ୫୯ ନଂ. ଜାତୀୟ ରାଜପଥକୁ ସଂଯୋଗ ହୋଇଥିବା ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହି ରାସ୍ତାରେ ବିରାଟ ଗର୍ତ୍ତ ଏବଂ କେତେକ ସ୍ଥାନରେ ରାସ୍ତା ଦବି ଯିବା ଯୋଗୁ ପ୍ରତ୍ୟହ ଛୋଟବଡ଼ ଦୁର୍ଘଟଣା ଘଟୁଛି। ୨୦୧୬ ମସିହାରେ ଧରାକୋଟ ବ୍ଲକ ଦ୍ୱାରା ଏହି ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ଋଷିକୁଲ୍ୟା ବ୍ରିଜ ନିର୍ମାଣ ପରେ ଏହି ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ମାଣ କରିଥିଲା। ତେବେ ୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ଅତିବାହିତ ହୋଇଥିଲେ ମଧ୍ୟ ରାସ୍ତା ମରାମତି ଦିଗରେ ଗ୍ରାମ୍ୟ ଉନ୍ନୟନ ବିଭାଗ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ନେଇନାହିଁ। ବ୍ଲକ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ମଧ୍ୟରେ ସମନ୍ୱୟ ନ ଥିବା ଯୋଗୁ ସମସ୍ୟା ଉପୁଜିଛି। ଏନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ସନ୍ତୋଷ କୁମାର ପରିଡ଼ାଙ୍କୁ ପଚାରିବାରୁ ବିଭାଗୀୟ ଉପରିସ୍ଥ ଅଧିକାରୀଙ୍କୁ ରାସ୍ତା ସମସ୍ୟା ନେଇ ଅବଗତ କରାଯାଇଛି। ଆବଶ୍ୟକ ଫଣ୍ଡ ଆସିଲେ ଏହାର ମରାମତି କରାଯିବ ବୋଲି କହିଛନ୍ତି। ବିଡିଓ ସୁଶୀଲ ପଟ୍ଟନାୟକ କହିଛନ୍ତି, ଏ ବିଷୟ ଜିଲାପାଳଙ୍କ ଅବଗତ କରାଯାଇ ଯେଭଳି ହେଲେ ସମସ୍ୟାର ସମାଧାନ କରାଯିବ।

# ମନ୍ତ୍ରୀ, ବିଧାୟକ, ଏମ୍ପିଙ୍କୁ କଳାପତାକା ଦେଖାଇ ଭାଜପାର ବିରୋଧ


ଭାଜପା ପକ୍ଷରୁ ବିରୋଧ କରାଯାଉଛି।

**ପୁରୁଷୋତ୍ତମପୁର,୩୦।୮(ଡି.ଏନ.ଏ.)**

ଗଞ୍ଜାମ ଜିଲାର ତାରାତାରିଣୀଙ୍କ ପୀଠକୁ ସର୍ବସାଧାରଣଙ୍କୁ ଦର୍ଶନ ଲାଗି ପ୍ରଶାସନ ବାରଣ କରି ଛାଡୁନଥିବା ବେଳେ ଶାସକ ବିଜେଡିଦଳର ମନ୍ତ୍ରୀ, ବିଧାୟକ ଓ ଏମ୍ପିଙ୍କୁ କିଭଳି ଦର୍ଶନ କରିବାକୁ ଛଡାଯାଉଛି। ମନ୍ତ୍ରୀ, ବିଧାୟକମାନେ କ'ଣ ଆଇନଠାରୁ ଉର୍ଦ୍ଧ୍ୱରେ ବୋଲି ଭାରତୀୟ ଜନତା ପାର୍ଟି ପକ୍ଷରୁ ଅଭିଯୋଗ କରାଯାଇଛି। ଏହାର ପ୍ରତିବାଦରେ ସୋମବାର ତାରାତାରିଣୀ ଦର୍ଶନ ଲାଗି ଆସିଥିବା ମନ୍ତ୍ରୀ ପଦ୍ମିନୀ ଦିଆନ, ଟୁକୁନି ସାହୁ, ପ୍ରଫୁଲ୍ଲ କୁମାର ମଲ୍ଲିକ ଓ ସୁଶାନ୍ତ ସିଂଙ୍କ ସହ ୧୬ ବିଧାୟିକା ବିଧାୟକ ଓ ୧୦ ଏମ୍ପି ଦର୍ଶନ ଲାଗି ଯିବାବେଳେ ପାହାଡ ପାଦଦେଶରେ ଗାଡି ଅଟକାଇ ବିଭିନ୍ନ ସ୍ଲୋଗାନ ଦେଇ ଭାଜପା କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରି ବିରୋଧ କରିଥିଲେ।

## ଛତ୍ରପୁରରେ ସୈନିକ ସ୍କୁଲ ପ୍ରତିଷ୍ଠା ଲାଗି ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧପତ୍ର

**ଛତ୍ରପୁର,୩୦।୮(ଡି.ଏନ.ଏ.):** ଗଞ୍ଜାମ ଜିଲା ସଦରମହକୁମା ଛତ୍ରପୁରଠାରେ ସୈନିକ ସ୍କୁଲ ପ୍ରତିଷ୍ଠା ପାଇଁ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ଗୃହମନ୍ତ୍ରୀଙ୍କୁ ଭାଜପା ଲିଗାଲ ସେଲ ପକ୍ଷରୁ ଅନୁରୋଧ ପତ୍ର ପଠାଯାଇଛି। ଜିଲା ଭାଜପା ଲିଗାଲ ସେଲ୍ର ଆବାହକ ତଥା ଛତ୍ରପୁର ଓକିଲ ସଂଘର ସଭାପତି ପ୍ରଦୀପ କୁମାର ପାଢୀ ଚିଠି ପଠାଇଥିବା ନେଇ ସୂଚନା ଦେଇଛନ୍ତି। ସେ ଦର୍ଶାଇଛନ୍ତି ଯେ, ଗତ ବଜେଟ୍ରେ ଦେଶରେ ୧୦୦ଟି ସୈନିକ ସ୍କୁଲ ଖୋଲିବା ପାଇଁ କେନ୍ଦ୍ର ସରକାର ବ୍ୟୟ ବରାଦ କରିଛନ୍ତି। ଓଡିଶାରେ ମାତ୍ର ଗୋଟିଏ ଭୁବନେଶ୍ୱରରେ ସୈନିକ ସ୍କୁଲ ରହିଛି। ଦକ୍ଷିଣ ଓଡିଶାରେ ସୈନିକ ସ୍କୁଲ ପ୍ରତିଷ୍ଠାର ଆବଶ୍ୟକ ଥିବା ବେଳେ ଛତ୍ରପୁରଠାରେ ସମସ୍ତ ଭିତିଭୂମି ରହିଥିବା ଯୋଗୁ ଏଠାରେ ଏହା ପ୍ରତିଷ୍ଠା କରାଯାଉ। ଛତ୍ରପୁରରେ ସୈନିକ ସ୍କୁଲ ପ୍ରତିଷ୍ଠା ହେଲେ ଦକ୍ଷିଣ ଓଡିଶାର କୋରାପୁଟ, ରାୟଗଡା, ମାଲକାନଗିରି, ନବରଙ୍ଗପୁର, ଗଜପତି , କନ୍ଧମାଳ ଓ ବୌଦ୍ଧ ଜିଲାର ଛାତ୍ରୀଛାତ୍ର ଉପକୃତ ହୋଇପାରିବେ ବୋଲି ପାଢୀ ଦର୍ଶାଇଛନ୍ତି। ଛତ୍ରପୁର ନିକଟବର୍ତ୍ତୀ ଗୋଳାବନ୍ଧ ଆର୍ମି ଏଡି କଲେଜ ଅଛି । ଗମନାଗମନ ଦୃଷ୍ଟିରୁ ଜାତୀୟ ରାଜପଥ ପାର୍ଶ୍ୱରେ ଅବସ୍ଥିତ । ତେଣୁ ଛତ୍ରପୁର ଠାରେ ଏହା ପ୍ରତିଷ୍ଠା କରିବାକୁ ସେ ଅନୁରୋଧପତ୍ରରେ ଜଣାଇଛନ୍ତି।

# ସମସ୍ୟାରେ ସହର, ଅଧାପନ୍ତରିଆ ପଡ଼ିଛି ବହୁ ପ୍ରକଳ୍ପ

## ଗଞ୍ଜାମ ଏନ୍ଏସି

**ଗଞ୍ଜାମ,୩୦।୮(ଡି.ଏନ.ଏ.)**

ଗଞ୍ଜାମ ଏନ୍ଏସିରେ ଦୀର୍ଘ ଦିନ ହେଲା ବିଭିନ୍ନ ଉନ୍ନୟନ କାର୍ଯ୍ୟ ହେଉନାହିଁ। ଫଳରେ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଘୋର ଅସନ୍ତୋଷ ଦେଖାଦେଇଛି। ପୂର୍ବରୁ ଏନେଇ ଗଞ୍ଜାମ ସହର ପୌରାଞ୍ଚଳ ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ଛତ୍ରପୁର ଉପଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଥିଲେ ଏବଂ ଏହାର ନକଲ ନିର୍ବାହୀ ଅଧିକାରୀଙ୍କୁ ଦେଇଥିଲେ। ବିଜ୍ଞାପିତ ଅଞ୍ଚଳ ପରିଷଦର ଉଦାସୀନତା ଓ ଅବହେଳା ଯୋଗୁ ଉନ୍ନୟନ କାର୍ଯ୍ୟ ହେଉନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଜନସାଧାରଣଙ୍କ ମୌଳିକ ସମସ୍ୟା ପ୍ରତି ଗୁରୁତ୍ୱ ଦେଉନି ଏନ୍ଏସି ପ୍ରଶାସନ। ବିଶ୍ରାମାଗାର ନ ଥିବାରୁ ଗାଡିକୁ ଅପେକ୍ଷା କରୁଥିବା ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଜ୍ଞାପିତ ଅଞ୍ଚଳ ପରିଷଦରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ଯଥା ଅଭିମନ୍ୟୁ ସ୍ମୃତି ପାଠାଗାର, କଲ୍ୟାଣ ମଣ୍ଡପ, ପାର୍କ, ଯାତ୍ରୀ ବିଶ୍ରାମାଗାର, ଶୌଚାଳୟ, ମୁଖ୍ୟ ନାଳର ପୁନଃରୁଦ୍ଧାର, ସହର ମଧ୍ୟରେ ଥିବା ପୋଖରୀ ପୁନଃଉଦ୍ଧାର ଆଦି କାର୍ଯ୍ୟ ହେଉନି। ଏନ୍ଏସି ନିର୍ବାହୀ ଅଧିକାରୀ ରୋନିତ କୁମାରଙ୍କୁ ମୋବାଇଲ ନଂ. ୮୩୫୬୯୦୮୮୨୬ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଉଠାଇ ନ ଥିଲେ।

# ଟୁଇଟ୍ ପରେ ଶିଶୁଙ୍କୁ ମିଳିଲା ଚିକିତ୍ସା ସୁବିଧା

## ଭୁବନେଶ୍ୱରରେ ଚିକିତ୍ସିତ ହେବେ ବିକାଶ


ଶିଶୁଟିକୁ ଚିକିତ୍ସା ପାଇଁ ନେବାକୁ ଆରବିଏସ୍କେ ଟିମ୍ ପ୍ରସ୍ତୁତ ହେଉଛନ୍ତି ।

**ଭଞ୍ଜନଗର,୩୦।୮(ଡି.ଏନ.ଏ)**

ଭଞ୍ଜନଗର ବ୍ଲକ ବାରୁଡ଼ାରେ ରହୁଥିବା ରଞ୍ଜିତା ନାୟକଙ୍କ ୩ ବର୍ଷୀୟ ଶିଶୁପୁତ୍ର ବିକାଶଙ୍କ ଆଖି ଡୋଳାରେ ଦିନକୁ ଦିନ ମାଂସ ପିଣ୍ଡୁଳା ବଢ଼ିବାରେ ଲାଗିଛି । ବିକାଶଙ୍କୁ ଠିକ୍ ଭାବେ ଦେଖାଯାଉନାହିଁ । ସେ କଷ୍ଟରେ ଛଟପଟ ହେଉଥିଲେ ମଧ୍ୟ ପରିବାରର ଆର୍ଥିକ ସ୍ଥିତି ଭଲ ନଥିବାରୁ ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା କରାଯାଇ ପାରୁ ନ ଥିଲା। ବିଭିନ୍ନ ସୋସିଆଲ ମିଡ଼ିଆରେ ଏହା ପ୍ରଚାର ହୋଇଥିଲା। ସଚ୍ଚିଦାନନ୍ଦ ବିଷୋୟୀ ନାମକ ଜଣେ ବ୍ୟକ୍ତି ଏ ସମ୍ପର୍କରେ ଟୁଇଟ୍ କରିବା ସହ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ, ସ୍ୱାସ୍ଥ୍ୟମନ୍ତ୍ରୀ,ଗଞ୍ଜାମ ଜିଲାପାଳ, ମହିଳା ଓ ଶିଶୁ ବିକାଶ, ମୋ ସରକାର ୫-ଟିକୁ ଟ୍ୟାଗ୍ କରିଥିଲେ। ପରେ ବିଭିନ୍ନ ବିଭାଗରୁ ଶିଶୁଟିରେ ଚିକିତ୍ସା ବ୍ୟବସ୍ଥା କରିବା ପାଇଁ ଗଞ୍ଜାମ ସିଡିଏମ୍ଓଙ୍କ ପାଖକୁ ରବିବାର ନିର୍ଦ୍ଦେଶ ଆସିଥିଲା। ସିଡିଏମ୍ଓଙ୍କ ନିର୍ଦ୍ଦେଶକ୍ରମେ ସୋମବାର ଗାଲେରି ମେଡ଼ିକାଲ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ଆରବିଏସ୍କେ) ଟିମ୍ ବିକାଶଙ୍କୁ ଉଦ୍ଧାର କରି ବ୍ରହ୍ମପୁର ସିଟି ହସ୍ପିଟାଲକୁ ନେଇଥିଲେ। ସେଠାରୁ ଅଧିକ ଚିକିତ୍ସା ପାଇଁ ବିକାଶଙ୍କୁ ମଙ୍ଗଳବାର ଭୁବନେଶ୍ୱର ଏଲ.ଭିପ୍ରସାଦ ଚକ୍ଷୁ ଚିକିତ୍ସାଳୟକୁ ନିଆଯିବ। ଗାଲେରି ମେଡ଼ିକାଲ ଆରବିଏସ୍କେ ଯୋଜନାରେ କାର୍ଯ୍ୟରତ ଡ.ଜଗନ୍ନାଥ ମହାପାତ୍ର,ଏଏନ୍ଏମ୍ ନନ୍ଦିନୀ ଆଚାର୍ଯ୍ୟ, କର୍ମଚାରୀ ଖଦାଲ ବିଷୋୟୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିକାଶଙ୍କୁ ସିଟି ହସପିଟାଲକୁ ନିଆଯାଇଛି। ସୂଚନାଯୋଗ୍ୟ, ଗତବର୍ଷ ଶିଶୁଟିରେ ଚିକିତ୍ସା ପାଇଁ ପ୍ରଶାସନ ପକ୍ଷରୁ ଉଦ୍ୟମ ହୋଇଥିଲା। କିନ୍ତୁ କୌଣସି କାରଣ ଯୋଗୁ ଗତବର୍ଷ ତାହା ସଫଳ ହୋଇପାରି ନ ଥିଲା ।

## କାର୍ ସହ ଗଞ୍ଜେଇ ଜବତ

**ଫୁଲବାଣୀ ଅଫିସ, ୩୦।୮**

ଟିକାବାଲି ପୋଲିସ କଇଁଝର ନିକଟରୁ ଏକ କାରରୁ ୫୧ କେଜି ୪୦୦ ଗ୍ରାମ ଗଞ୍ଜେଇ ଜବତ କରିଛି । ଚାଲାଣକାରୀମାନେ ଗାଡି ଛାଡି ଫେରାର ହୋଇ ଯାଇଥିବାରୁ କାହାରିକୁ ଗିରଫ କରାଯାଇ ପାରିନାହିଁ। ଗୁଟିଙ୍ଗିଆ ଅଞ୍ଚଳରୁ ଗଞ୍ଜେଇ ବାହାରକୁ ଚାଲାଣ ହେଉଥିବା ନେଇ ପୋଲିସକୁ ଖବର ମିଳିଥିଲା । ଟିକାବାଲି ପୋଲିସ ଗଞ୍ଜେଇ ଭର୍ତ୍ତି କାରକୁ ପିଛା କରିଥିଲା। କଇଁଝର ପାଖରେ ଦୁର୍ବୃତ୍ତମାନେ ଗାଡି ଛାଡି ଫେରାର ହୋଇଯାଇଥିଲେ। କାରଟି ଢେଙ୍କାନାଳ ଜିଲାର ଏବଂ ମାଲିକଙ୍କ ପରିଚୟ ମିଳିଛି । ପୋଲିସ ଘଟଣାର ଖୋଳତାଡ କରୁଛି । ଏ ନେଇ ଥାନାରେ ନଂ.୬୦/୨୧ରେ ମାମଲା ରୁଜୁ ହୋଇଛି।

# ସିପିଆଇ(ଏମ୍)ର ଶାଖା ସମ୍ମିଳନୀ


ସମ୍ମିଳନୀ ସ୍ଥଳରେ ପତାକା ଉତ୍ତୋଳନ କରାଯାଉଛି।

**ଦିଗପହଣ୍ଡି,୩୦।୮(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ଭ୍ରମରପୁରଠାରେ ସିପିଆଇ (ଏମ୍)ର ଶାଖା ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଭୀମସେନ ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ପାର୍ଟିର ଆଞ୍ଚଳିକ ସମ୍ପାଦକ ଶଶିଭୂଷଣ ରଥ ପତାକା ଉତ୍ତୋଳନ କରିଥିଲେ। ସିପିଆଇ (ଏମ୍) ଜିଲା ସମ୍ପାଦକ କୈଳାସ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବିବାଦୀୟ ୩ କୃଷି ଆଇନକୁ ବିରୋଧ କରି ଦିଲ୍ଲୀରେ ଚାଲିଥିବା ଶାନ୍ତିପୂର୍ଣ୍ଣ ଚାଷୀ ଆନ୍ଦୋଳନକୁ ଭଣ୍ଡୁର କରିବାକୁ କେନ୍ଦ୍ର ସରକାରଙ୍କ ବାରମ୍ବାର ବଳ ପ୍ରୟୋଗକୁ ତୀବ୍ର ନିନ୍ଦା କରିଥିଲେ। କେନ୍ଦ୍ର ସରକାର ରାଷ୍ଟ୍ରାୟତ୍ତ ଶିଳ୍ପ ସଂସ୍ଥାଗୁଡିକୁ ବିକ୍ରି ପାଇଁ ଚଳାଇଥିବା ଯୋଜନାକୁ ସିପିଆଇ (ଏମ୍) ଦୃଢ଼ ବିରୋଧ କରିବ ବୋଲି କହିଥିଲେ। ରାଜ୍ୟରେ ରାଜନୈତିକ ପକ୍ଷପାତିତା ଯୋଗୁ ଯୋଗ୍ୟ ହିତାଧିକାରୀମାନେ ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଏଥିପାଇଁ ଆନ୍ଦୋଳନାତ୍ମକ ପନ୍ଥା ହାତକୁ ନେବାପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ପୁଷ୍ପଧ୍ୱଜ ସାହୁଙ୍କୁ ପାର୍ଟିର ଶାଖା ସମ୍ପାଦକ ଏବଂ ସଭାପତି ଭାବେ ଭୀମସେନ ମହାରଣାଙ୍କୁ ମନୋନୀତ କରାଯାଇଥିଲା।

# ବାଲି ଚୋରା ଚାଲାଣ, ୧୩ ଗିରଫ, ୬ ଟ୍ରକ୍ ଜବତ


ଜବତ ଟ୍ରକ୍।

**ପୁରୁଷୋତ୍ତମପୁର,୩୦।୮(ଡି.ଏନ.ଏ.)**

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଅଞ୍ଚଳରେ ଋଷିକୁଲ୍ୟା ନଦୀ ଘାଟର ବିଭିନ୍ନ ସ୍ଥାନରୁ ବାଲି ମାଫିଆମାନେ ବିନା ଦ୍ୱିଧାରେ ବାଲି ଖୋଳି ନେବାରେ ଲାଗିଛନ୍ତି। ସୋମବାର ପୋଲିସ ପାଟ୍ରୋଲିଂ ବେଳେ ରେଗିଡି ଛକ ଓ ପାଗଳବାବା ଛକଠାରେ ବାଲି ବୋଝେଇ କରି ନେଉଥିବା ୬ ଟ୍ରକକୁ ଜବତ କରାଯିବା ସହ ୧୩ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ବ୍ୟକ୍ତିମାନେ ହେଲେ ସନ୍ନ୍ୟାସୀ ସାହୁ, ପ୍ରଦୀପ କୁମାର ଭୂୟାଁ, ଶିଶିର ପ୍ରଧାନ, ପାଣ ସେଠୀ, ଡ୍ରାଇଭର ପ୍ରଧାନ, କାମନା ସ୍ୱାଇଁ, ନିରଞ୍ଜନ ଦାସ, ସୁଶାନ୍ତ ଦାସ, ସମିର ଦାସ, ସନ୍ତୋଷ କୁମାର ଗୌଡ, ଅଜୟ କୁମାର ପାତ୍ର, କାହ୍ନୁ ଚରଣ ସ୍ୱାଇଁ ଓ ଦାଶରଥି ପ୍ରଧାନ। ଏଥିନେଇ ଥାନାରେ ପୃଥକ ପୃଥକ ଭାବରେ ୬ଟି କେସ୍ କରାଯାଇଥିବା ଆଇଆଇସି ଜଗନ୍ନାଥ ମଲ୍ଲିକ ସୂଚନା ଦେଇଛନ୍ତି।

## ନାଳରେ ପୋଲ ନ ହେଲେ ଆନ୍ଦୋଳନ

**ପାତ୍ରପୁର,୩୦।୮(ଡି.ଏନ.ଏ)**

ପାତ୍ରପୁର ବ୍ଲକ ବୁରାତାଲ ପଞ୍ଚାୟତ ଦେଇ ଯାଇଥିବା ଜାମୁଗଣ୍ଡ ନାଳରେ ଏକ ପୋଲ ନିର୍ମାଣ ପାଇଁ ଆଦିବାସୀ ମାନେ ଦାବି କରିଛନ୍ତି। ଜାମୁଗଣ୍ଡ ନାଳ ପାର୍ ହୋଇ କମଳାଖତ ନୂଆସାହି, ଜେନା ସାହି, ସାନ ଅଞ୍ଜୁପା, ବଡ଼ ଅଞ୍ଜୁପା, ମୁଣ୍ଡେଇସିଙ୍ଗି, କୁସୁମାଳା, ମଇଁଷିଖତ, ବଡ଼ସଚ୍ଚାରୁ, ସାନସଚ୍ଚାରୁ, କାନ୍ତି ଗାଁ, ବଡ଼ ଅଞ୍ଜାଗୁଲି, ସାନ ଅଞ୍ଜାଗୁଲି, ବିଲୁଗାଁ, ବାତ୍ରା ସାହି, ସାନଗାଁ ଭଳି ୧୫ଟି ଆଦିବାସୀ ଗାଁର ଲୋକେ ବିଭିନ୍ନ କାମରେ ଯାଆନ୍ତି। ରାଶନ ସାମଗ୍ରୀ ଓ ଭତ୍ତା ଆଣିବା ପାଇଁ ପଞ୍ଚାୟତ କାର୍ଯ୍ୟାଳୟ, ହାଟ ବଜାର, ପିଲାମାନେ ପଢିବା ପାଇଁ ନାଳ ଦେଇ ଯିବାକୁ ପଡୁଥିବାରୁ ଅଧିକ ପାଣି ଆସିଲେ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼େ। ରୋଗୀ, ଗର୍ଭବତୀ ଓ ପ୍ରସୂତିଙ୍କୁ ଦୋଳାରେ ନେବାକୁ ହୁଏ। ପୋଲ ଓ ରାସ୍ତା ନିର୍ମାଣ ପାଇଁ ଅଞ୍ଚଳବାସୀ ବହୁବାର ପ୍ରଶାସନକୁ ଜଣାଇଥିଲେ ମଧ୍ୟ ସୁଫଳ ମିଳୁନି। ତେଣୁ ଆଗାମୀ ଦିନରେ ସମସ୍ତ ଆଦିବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଜଣାଇଛନ୍ତି ।

# ପୁରୁଷରେ ବୁଗୁଡ଼ା, ମହିଳାରେ ଆସିକା ଟିମ୍ ଚାମ୍ପିୟନ

## ଜିଲାସ୍ତରୀୟ କବାଡ଼ି ଟୁର୍ଣ୍ଣାମେଣ୍ଟ ଉଦ୍ଯାପିତ


କବାଡ଼ି ମ୍ୟାଚ୍

**ବୁଗୁଡ଼ା,୩୦।୮(ଡି.ଏନ.ଏ.)**

ସ୍ଥାନୀୟ ପିପୁଲ୍ସ ହାଇସ୍କୁଲ ପରିସରରେ ଶ୍ରୀକର ଭଞ୍ଜ କ୍ରୀଡା ଓ ସାଂସ୍କୃତିକ ସଂଗଠନ ପକ୍ଷରୁ ଆୟୋଜିତ ଜିଲାସ୍ତରୀୟ ପୁରୁଷ ଓ ମହିଳା କବାଡ଼ି ଟୁର୍ଣ୍ଣାମେଣ୍ଟ ଉଦ୍ଯାପିତ ହୋଇଯାଇଛି। ଉଦ୍ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବୁଗୁଡ଼ା ଥାନା ଆଇଆଇସି ଚିତ୍ତରଞ୍ଜନ ବେହେରା ଏବଂ ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଏନ୍ଏସି ଉପାଧ୍ୟକ୍ଷ ଚିତ୍ରସେନ ପ୍ରଧାନ ଓ ବିଧାୟକ ପ୍ରତିନିଧି କେ.ତ୍ରିଲୋଚନ ଦୋରା ପ୍ରମୁଖ ଯୋଗଦେଇ ଉଭୟ ପୁରୁଷ ଓ ମହିଳା ବିଭାଗର ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ। ସ୍ଥାନୀୟ ବିଧାୟକ ଶ୍ରୀକାନ୍ତ ସାହୁଙ୍କ ଦ୍ୱାରା ଉଦ୍ଘାଟିତ ଉକ୍ତ ଏକ ଦିବସୀୟ ଦିବାରାତ୍ର ଟୁର୍ଣ୍ଣାମେଣ୍ଟର ପୁରୁଷ ବିଭାଗରେ ୧୧ଟି ଓ ମହିଳା ବିଭାଗରେ ୪ଟି ଦଳ ଅଂଶଗ୍ରହଣ କରିଥିଲେ। ପୁରୁଷ ଫାଇନାଲ ମ୍ୟାଚରେ ବୁଗୁଡ଼ା ଦଳ ୩୦-୨୮ ପଏଣ୍ଟରେ ପାରଳା ମହାରାଜା କଲେଜ ଦଳକୁ ହରାଇ ଚାମ୍ପିୟନ୍ ହୋଇଥିବା ବେଳେ ମହିଳା ଫାଇନାଲ୍ ମ୍ୟାଚରେ ଆସିକା ଦଳ ୩୮-୧୫ ପଏଣ୍ଟରେ ବୁଗୁଡ଼ା ଦଳକୁ ହରାଇ ଚାମ୍ପିୟନ୍ ହୋଇଥିଲା। ଉଭୟ ପୁରୁଷ ଓ ମହିଳା ବର୍ଗର ଫାଇନାଲ୍ ମ୍ୟାଚ୍ ଦ୍ୱୟକୁ ରେଫେରି ବି.କୁମାର ଓ ଶେଖର ମାଝି ପରିଚାଳନା କରିଥିଲେ। ଜାତୀୟ କ୍ରୀଡ଼ା ଦିବସ ଅବସରରେ ଆୟୋଜିତ ଉକ୍ତ ଟୁର୍ଣ୍ଣାମେଣ୍ଟର ପ୍ରତ୍ୟେକ ମ୍ୟାଚକୁ ବହୁ ଦର୍ଶକ ମନଭରି ଉପଭୋଗ କରିଥିଲେ।

